

# ସତ୍ୟବାକ୍ୟ

# THE WORD OF TRUTH

## MARCH & APRIL 2017

An Oriya Bimonthly Bulletin
Published by the Church of Christ

# THE VOICE OF TRUTH

*Edited and Published By*

***Joshua & Kabita Gootam***

## CHURCH OF CHRIST

P.O. Box - 80, Kakinada, A.P. 533 001.

Ph : 0884-2363722

**Vol-23. March -April 2017. No-2**

*Published every two months in **Oriya** language for the Restoration of the pure New Testament Christianity*

---

## THE GOOD THAT GOD REQUIRES FROM MAN

**Text :** 'He hath shewed thee, O man, what is good; and what doth the LORD require of thee, but to do justly, and to love mercy, and to walk humbly with thy God?' (Mic.6:8).

**Introduction :**

1. The prophet of the Lord, Micah was contemporary with Isaiah prophesying in the rural Palestine.
2. Micah fearlessly exposed the sins of the people of Israel and Judah.
3. In this sermon from the text, we shall study the following points.
   a. God defined 'what is good' but man did evil.
   b. The requirements of many by God.

**Discussion :**

1. **God defined 'what is good' but man did evil.**

A. God is the creator of all things (Gen. 1:1-27).
   1. At the end of the each day God hath said, 'it is good' (Gen. 1:4, 10,12,18,21,25).
   2. Even to this day, the creation obeys Him (Psa. 148:5-6).

3. When Adam was created, God gave him a commandment not to eat of the fruit of the tree of Knowledge (Gen. 2:17).
4. But Adam and Eve violated His law and were cursed and banished from the Garden of Eden (Gen. 3:15-22).
5. Hence we can learn from it that to do good means to do what the Lord has commanded.

B. God showed Cain and Abel what was good.
   1. Abel obeyed God (Gen. 4:4).
   2. Cain rebelled against God (Gen. 4:5-7)

C. God gave the Israelites the Law through Moses on Mt. Sinai.

# ସତ୍ୟବାଣୀ
# VOICE OF TRUTH

**VOL - XXII KAKINADA JAN-FEB-2017**


## ଜୀବନ୍ତ ବଳିଦାନ
### (The Living Sacrifice)

ପରମେଶ୍ୱର ଆମ୍ଭମାନଙ୍କୁ ଦୁଇଥର ଜୀବନ ପ୍ରଦାନ କରନ୍ତି, (୧) ଏହି ଜଗତରେ ଜନ୍ମଗ୍ରହଣ କରିବା ସମୟରେ (୨) ବାପ୍ତିସ୍ମ ଗ୍ରହଣ କରିବା ସମୟରେ (ରୋମୀୟ ୬:୧-୪ ଓ ୨ କରିନ୍ଥୀ ୫:୧୭) । ଖାଦ୍ୟ, ବସ୍ତ୍ର, ଗୃହ, ପରିବାର, କାର୍ଯ୍ୟ ଓ ଅଭିବୃଦ୍ଧି ପ୍ରଭୃତି ପ୍ରତ୍ୟେକ ଭୌତିକ ଆଶୀର୍ବାଦ, ବାପ୍ତିସ୍ମ ଗ୍ରହଣ କରିବା ପରେ ପରିତ୍ରାଣ, ପାପକ୍ଷମା, ପରମେଶ୍ୱର ବିଷୟକ ଜ୍ଞାନ, ପରମେଶ୍ୱରଙ୍କ ସହ ସହଭାଗିତା, ତାହାଙ୍କ ମଣ୍ଡଳୀ ଓ ସ୍ୱର୍ଗର ଆଶ୍ୱାସନା ରୂପ ଆଶୀଷ ସଂଯୁକ୍ତ ହୁଏ ।

ଆମ୍ଭମାନଙ୍କ ଭୌତିକ ଜୀବନର ମୁକୁଟ ସ୍ୱରୂପ ଦତ୍ତ ଆତ୍ମୀୟ ଆଶୀର୍ବାଦଗୁଡ଼ିକ ଆମ୍ଭେମାନେ କଅଣ କରିବା ? ଆମ୍ଭମାନଙ୍କ ଜୀବନ ଜୀବନ୍ତ ବଳିଦାନ ରୂପେ ପରମେଶ୍ୱରଙ୍କୁ ଅର୍ପଣ କରିବା ଆବଶ୍ୟକ ବୋଲି ରୋମୀୟ ୧୨:୧ ପଦରେ ପ୍ରେରିତ ପାଉଲ ବର୍ଣ୍ଣନା କରନ୍ତି ।

''ବଳିଦାନ''ର ଅର୍ଥ, କୌଣସି ମୂଲ୍ୟବାନ ବିଷୟ ଅନ୍ୟର ମଙ୍ଗଳ ନିମନ୍ତେ କିଅବା ସମ୍ମାନ ନିମନ୍ତେ ତ୍ୟାଗ କରିବା । ପୁରାତନ ନିୟମ ସମୟର ବଳିଦାନ ପରମେଶ୍ୱରଙ୍କ ମହିମା ଓ ଦତ୍ତ ମନୁଷ୍ୟକୁ ଆଶୀର୍ବାଦ ପ୍ରାପ୍ତ ହେଉଥିଲା । ଗ୍ରହଣକାରୀ ପ୍ରତ୍ୟେକଙ୍କୁ ଖ୍ରୀଷ୍ଟଙ୍କ ପ୍ରାଣ ବଳିଦାନ ପରିତ୍ରାଣ ଦିଏ । ଆଦ୍ୟ ଶତାବ୍ଦୀର ଖ୍ରୀଷ୍ଟିୟାନମାନେ, ଖ୍ରୀଷ୍ଟଙ୍କ ନିମନ୍ତେ କ୍ଲେଶ ସହ୍ୟ କରିବା ସୌଭାଗ୍ୟର ବିଷୟ ବୋଲି ମଣିଲେ । (ପ୍ରେରିତ ୫:୪୧, ଯାକୁବ ୧:୨) । ଖ୍ରୀଷ୍ଟଙ୍କ ଆଜ୍ଞାବହ ହେବା ଦ୍ୱାରା ପରମେଶ୍ୱର

ଆମ୍ଭମାନଙ୍କ ପାପ ଆଉ ମନେ ରଖନ୍ତି ନାହିଁ ବୋଲି ଜ୍ଞାତ ହୋଇ, ଏହି ପାପମୟ ଜଗତରେ, ତ୍ୟାଗପୂର୍ଣ୍ଣ ଧାର୍ମିକ ଜୀବନଯାପନ କରୁ ।

ପ୍ରଭୁ ଯୀଶୁଙ୍କ ନିମନ୍ତେ ରକ୍ତ ଢ଼ାଳି ମୃତ୍ୟୁ ଭୋଗିବା ଆବଶ୍ୟକ ବୋଲି, "ବଳିଦାନ"ର ଅର୍ଥ ନୁହେଁ । କିନ୍ତୁ ପ୍ରତ୍ୟେକ ଦିନ ତାହାଙ୍କ ନିମନ୍ତେ ଜୀବନଯାପନ କରିବା । ଆମ୍ଭମାନଙ୍କ ପାପ ପରିତ୍ରାଣ କରି (ମନ ପରିବର୍ତ୍ତନ), ଗର୍ବ ପରିତ୍ୟାଗ କରି (ନମ୍ର ଭାବେ) ଏବଂ ନିଃସ୍ୱାର୍ଥପର ଜୀବନଯାପନ କରିବା । ପ୍ରତ୍ୟେକ ଦିନ ତାହାଙ୍କ ଆଲୋକ ଓ ତାହାଙ୍କ ପ୍ରେମରେ ଗମନ କରୁ ।

ଜୀବନ୍ତ ବଳିରୂପେ ଜୀବନଯାପନ କରିବା ସହଜ ବିଷୟ ନୁହେଁ । ଏହା ଦୃଢ଼ ବିଶ୍ୱାସ, ଦୃଢ଼ ନିଶ୍ଚୟତା ଓ ନିୟମିତ ଚେଷ୍ଟା ଆବଶ୍ୟକ କରେ । ଏହି ବିଷୟରେ ରୋମୀୟ ୧୨:୨ ପଦ ଆମ୍ଭମାନଙ୍କ ପଥଦର୍ଶକ, ଯାହା କହେ, "ତୁମ୍ଭେମାନେ ଏହି ବର୍ତ୍ତମାନ ଯୁଗର ଅନୁରୂପୀ ହୁଅ ନାହିଁ... ଏଥି ନିମନ୍ତେ ଆପଣା ଆପଣା ମନର ନୂତନୀକରଣ ଦ୍ୱାରା ପରିବର୍ତ୍ତିତ ହୁଅ ।"

**ଖ୍ରୀଷ୍ଟଙ୍କ ଅନୁରୂପୀ :** ଅନୁରୂପର ଅର୍ଥ, ଆମ୍ଭମାନଙ୍କ ଚାରିଆଡ଼େ ଥିବା ବିଷୟଗୁଡ଼ିକରେ ଆମ୍ଭମାନଙ୍କୁ ପରିବର୍ତ୍ତନ କରିବା । ଏହି ଜଗତ ଆପଣା ରୂପରେ ଆମ୍ଭମାନଙ୍କୁ ପରିବର୍ତ୍ତନ କରିବାରେ ପ୍ରବର୍ତ୍ତାଏ । ଚଳଚ୍ଚିତ୍ର ଓ ଟିଭି କାର୍ଯ୍ୟକ୍ରମଗୁଡ଼ିକ ଧନସମ୍ପଦ, ଶାରୀରିକ ଅଭିଳାଷ, ଖ୍ୟାତି ପ୍ରଭୃତି ଆନନ୍ଦର ମୂଳ ରୂପେ ପରିବର୍ତ୍ତନ କରନ୍ତି । ଆମ୍ଭମାନଙ୍କୁ ଜାଗତିକ ଜୀବନରେ ଟାଣି ନେବା ନିମନ୍ତେ ଶୟତାନର ଅବିରତ ଭାବେ ଚେଷ୍ଟା ଚାଲିଥାଏ ।

ଶରୀରର ପ୍ରତ୍ୟେକ ଅଙ୍ଗ ପାପ ନିମନ୍ତେ କିଅବା ଧାର୍ମିକତା ନିମନ୍ତେ ବ୍ୟବହୃତ ହୋଇଥାଏ । "ଅତଏବ ପାପ ତୁମ୍ଭମାନଙ୍କ ମର୍ତ୍ତ୍ୟ ଶରୀରରେ ରାଜତ୍ୱ ନ କରୁ, ତାହା କଲେ ତୁମ୍ଭେମାନେ ସେଥିରେ ଅଭିଳାଷଗୁଡ଼ିକର ବଶବର୍ତ୍ତୀ ହେବ, କିମ୍ବା ଆପଣା ଆପଣାର ଅଙ୍ଗପ୍ରତ୍ୟଙ୍ଗକୁ ଧାର୍ମିକତାର ଅସ୍ତ୍ରଶସ୍ତ୍ର ରୂପେ ପାପ ନିକଟରେ ସମର୍ପଣ କର ନାହିଁ, କିନ୍ତୁ ମୃତମାନଙ୍କ ମଧ୍ୟରୁ ଜୀବିତ ହେଲା ପରେ ଆପଣା ଆପଣାକୁ ଈଶ୍ୱରଙ୍କ ନିକଟରେ ସମର୍ପଣ କର, ପୁଣି ଆପଣା ଆପଣା ଅଙ୍ଗପ୍ରତ୍ୟଙ୍ଗକୁ ଧାର୍ମିକତାର ଅସ୍ତ୍ରଶସ୍ତ୍ର

ରୂପେ ଈଶ୍ୱରଙ୍କ ନିକଟରେ ସମର୍ପଣ କର ।'' (ରୋମୀୟ ୬:୧୨-୧୩) ସାନ ସାନ ପିଲାମାନେ ଗାଆନ୍ତି,

"O be careful little eyes what you see
For the father up above is looking down in love
So be careful little eyes what you see."

**ଆମେ ଯାହା ଦେଖୁଅଛୁ** - ପାପକୁ ସୁଯୋଗ ଦେବା ନିମନ୍ତେ କିଅବା ସେବା କରିବା ନିମନ୍ତେ ? ଆମ୍ଭମାନଙ୍କ ହାତ କିପରି ବ୍ୟବହାର କରୁଛୁ ? ଚୋରୀ କରିବା ନିମନ୍ତେ, ନିରନ୍ତର ବାକ୍ୟ ଲେଖିବା ନିମନ୍ତେ କିଅବା ଦାନଧର୍ମ କରିବା ନିମନ୍ତେ ? ଆମ୍ଭମାନଙ୍କ ପାଦ କେଉଁଆଡ଼େ ଯାଉଛି ? ଜଗତର ଅଭିଳାଷ ମୁଖେ କିଅବା ମଣ୍ଡଳୀର ଆରାଧନା ମୁଖେ ? ରୋଗାକ୍ରାନ୍ତ ଓ କ୍ଳେଶଯୁକ୍ତ ନିକଟକୁ ଆମ ପାଦ ଆମମାନଙ୍କୁ ନେଉଅଛି କି ? ଆମ୍ଭମାନଙ୍କ ମୁଖ ଦ୍ୱାରା ଅଭିଶାପର ବଚନ କିଅବା ପରମେଶ୍ୱରଙ୍କ ପ୍ରଶଂସାର ବଳି ନିର୍ଗତ ହୁଏ ? ଆପଣଙ୍କ ଓଷ୍ଠ କି ଅନ୍ୟମାନଙ୍କୁ ଯୀଶୁଙ୍କ ସୁନ୍ଦର କାହାଣୀ କେବେ କି କାହାକୁ କହିଅଛି ?

ଜୀବନ୍ତ ବଳିଦାନର ଅର୍ଥ, ଆମ୍ଭମାନଙ୍କ ଶରୀରକୁ କୁଅଭିଳାଷକୁ ବଶ ନ କରି, ସଦାପ୍ରଭୁଙ୍କର ସେବା କରିବା । ଜଗତର ଅନୁରୂପୀ ନ ହେବା ନିମନ୍ତେ ଆମ୍ଭମାନଙ୍କ ପ୍ରଲୋଭନର ପ୍ରତିରୋଧ କରୁ ।

**ନୂତନ ସୃଷ୍ଟି :** ଆପଣା ଆପଣାକୁ ପାପରୁ ବଞ୍ଚିତ କରିବା ସଙ୍ଗେ ସଙ୍ଗେ, ଆପଣାକୁ ପରିବର୍ତ୍ତିତ କରିବା ଆବଶ୍ୟକ । ''ପରିବର୍ତ୍ତନ''ର ଅର୍ଥ ଗୋଟିଏ ସ୍ଥିତିରୁ ଅନ୍ୟ ସ୍ଥିତିକୁ ବଦଳିବା । ଗୋଟିପୋକ ଯେପରି ପ୍ରଜାତିକ ରୂପେ ବଦଳେ, ଆମ୍ଭେମାନେ ମଧ୍ୟ ଆତ୍ମିକତାରେ ଅଭିବୃଦ୍ଧି ପାଉ । ''ଏଣୁ ଯଦି କେହି ଖ୍ରୀଷ୍ଟଙ୍କ ଠାରେ ଅଛି, ତେବେ ସେ ନୂତନ ସୃଷ୍ଟି ହୋଇଅଛି, ପୁରାତନ ବିଷୟ ସବୁ ଲୋପ ପାଇଅଛି, ଦେଖ, ନୂତନ ବିଷୟସବୁ ହୋଇଅଛି ।'' (୨ କରିନ୍ଥୀ ୫:୧୭) ।

ଏକ ଖ୍ରୀଷ୍ଟିୟାନ ପାପୀ ଠାରୁ ସାଧୁ ରୂପେ ପରିବର୍ତ୍ତିତ ହୁଏ । ଜାଗତିକ ଅଭିଳାଷରୁ ପୃଥକ ହୋଇ ପ୍ରଭୁଙ୍କ ଉଦ୍ଦେଶ୍ୟରେ ଜୀବନଯାପନ କରିବା ନିମନ୍ତେ ପୃଥକ ହୁଏ । ୨ କରିନ୍ଥୀ ୨:୧୬ପଦରେ ପ୍ରେରିତ ପାଉଲ, 'ଖ୍ରୀଷ୍ଟଙ୍କ ମନ' ବିଷୟରେ

କହନ୍ତି । ପ୍ରଭୁ ଯୀଶୁ ଏହି ଜଗତରେ ଥିବା ସମୟରେ ତାହାଙ୍କ 'ମନ' ଯେପରି ଥିଲା, ଆମ୍ଭମାନଙ୍କ 'ମନ' ସେପରି ହେବାକୁ ଆରମ୍ଭ ହେଲେ, ପରିବର୍ତ୍ତନ ସମ୍ଭବପର ହେବ । ସୁସମାଚାର ବିଶ୍ଳେଷଣ କଲେ, 'ଖ୍ରୀଷ୍ଟଙ୍କ ମନ' ବିଷୟରେ ଜାଣିପାରିବା ।

ପ୍ରଥମ, ଈଶ୍ୱରଙ୍କ ଇଚ୍ଛା ପାଳନ କରିବା ଖ୍ରୀଷ୍ଟଙ୍କ ମନର ପ୍ରଧାନ ଲକ୍ଷ୍ୟ ଥିଲା । ସେ କହିଲେ, ''କାରଣ ମୁଁ ନିଜ ଇଚ୍ଛା ସାଧନ କରିବାକୁ ଅବତରଣ ନ କରି ବରଂ ମୋହର ପ୍ରେରଣକର୍ତ୍ତାଙ୍କ ଇଚ୍ଛା ସାଧନ କରିବାକୁ ସ୍ୱର୍ଗରୁ ଅବତରଣ କରିଅଛି ।'' (ଯୋହନ ୬:୩୬) । ତାହାଙ୍କ ରୂପରେ ପରିବର୍ତ୍ତିତ ହେବା ନିମନ୍ତେ ଆମ୍ଭମାନଙ୍କୁ ଆପଣା ଇଚ୍ଛା ନୁହେଁ, କିନ୍ତୁ ପରମେଶ୍ୱରଙ୍କ ଇଚ୍ଛା ପାଳନ କରୁ । ତାହାଙ୍କ ବାକ୍ୟ ପାଳନ କରି, ତାହାଙ୍କ ଆଜ୍ଞାଗୁଡ଼ିକ ଅନୁସରଣ କରୁ । ପ୍ରଭୁ ଯୀଶୁ କହିଲେ, ''ଯେ କେହି ଈଶ୍ୱରଙ୍କ ଇଚ୍ଛା ସାଧନ କରେ, ସେ ମୋହର ଭାଇ, ଭଉଣୀ ଓ ମା' ।'' (ମାର୍କ ୩:୩୫)

ଦ୍ୱିତୀୟରେ, ଖ୍ରୀଷ୍ଟ ଅନ୍ୟମାନଙ୍କୁ ସାହାଯ୍ୟ କରିଥିଲେ । ଯେଉଁମାନେ ତାହାଙ୍କୁ କଷ୍ଟ ଦେଉଥିଲେ, ସେମାନଙ୍କ ପ୍ରତି ସେ ଦୟାଳୁ ଥିଲେ । କ୍ଷୁଧିତ ଲୋକଙ୍କୁ ଖାଦ୍ୟ ପରିବେଷଣ କରିଥିଲେ, ରୋଗୀମାନଙ୍କୁ ସୁସ୍ଥ କରିଥିଲେ । କୁଷ୍ଠୀମାନଙ୍କୁ ସ୍ପର୍ଶ କରି ସୁସ୍ଥ କରିଥିଲେ । ବିଚାରଦିନରେ ଅନ୍ୟମାନଙ୍କ ସାହାଯ୍ୟକାରୀମାନେ ପୁରସ୍କାର ପ୍ରାପ୍ତ ହେବେ ବୋଲି ସେ ମାଥିଉ ୨୫ ପର୍ବରେ କହିଅଛନ୍ତି । ଅନ୍ୟମାନଙ୍କ ପ୍ରତି ଦୟା ପ୍ରକାଶକାରୀମାନେ, ଖ୍ରୀଷ୍ଟଙ୍କ ମନ ପାଇଅଛନ୍ତି ।

ତୃତୀୟରେ, ପ୍ରଜାମାନଙ୍କୁ ଶିକ୍ଷା ଦେବା ଖ୍ରୀଷ୍ଟଙ୍କ ମନ ଥିଲା । ''ଏଥି ଉତ୍ତାରେ ଯୀଶୁ ସେମାନଙ୍କ ସମାଜଗୃହ ସମୂହରେ ଶିକ୍ଷା ଦେଇ ରାଜ୍ୟର ସୁସମାଚାର ଘୋଷଣା କରି ଏବଂ ସମସ୍ତ ପ୍ରକାର ରୋଗ ଓ ସମସ୍ତ ପ୍ରକାର ପୀଡ଼ା ସୁସ୍ଥ କରି ସମୁଦାୟ ନଗର, ପୁଣି ଗ୍ରାମଗୁଡ଼ିକରେ ଭ୍ରମଣ କରିବାକୁ ଲାଗିଲେ ।'' (ମାଥିଉ ୯:୩୫) ସ୍ତ୍ରୀମାନେ Bible Correspondence Course ଦ୍ୱାରା Ladies class, Sunday School ଦ୍ୱାରା ଅନ୍ୟମାନଙ୍କୁ ଶିକ୍ଷା ଦେଇପାରୁ । ଖ୍ରୀଷ୍ଟଙ୍କ ସଦୃଶ୍ୟ ଆମ୍ଭେମାନେ କ୍ଷମାଶୀଳ ଓ ପ୍ରେମୀ ହେବା ଆବଶ୍ୟକ । ଆମ୍ଭେମାନେ ଯାହା କହୁ ବା ଯାହା କରୁ, ପରମେଶ୍ୱରଙ୍କ ଗୌରବ ନିମନ୍ତେ କହୁ ଓ କରୁ ।

**ମହାନ ଓ ମୂଲ୍ୟବାନ ପ୍ରତିଜ୍ଞା ସମୂହ :-** ଆମ୍ଭେମାନେ ଆପେ ଆପେ ପରିବର୍ତ୍ତନ ହୋଇପାରିବା ନାହିଁ । ପ୍ରେରିତ ପିତର କହନ୍ତି, ''ଯେ ଆପଣା ଗୌରବ ଓ ସଦ୍‌ଗୁଣରେ ଆମ୍ଭମାନଙ୍କୁ ଆହ୍ୱାନ କରିଅଛନ୍ତି ତାହାଙ୍କ ବିଷୟକ ଜ୍ଞାନ ଦ୍ୱାରା ତାହାଙ୍କ ?ଶ୍ୱରିକ ଶକ୍ତି ଆମ୍ଭମାନଙ୍କୁ ଜୀବନ ଓ ଧର୍ମପରାୟଣତା ନିମନ୍ତେ ସମସ୍ତ ଆବଶ୍ୟକୀୟ ବିଷୟ ଦାନ କରିଅଛନ୍ତି । ତଦ୍ୱାରା ସେ ଆମ୍ଭମାନଙ୍କୁ ବହୁମୂଲ୍ୟ ଓ ଅତି ମହତ୍ ପ୍ରତିଜ୍ଞାମାନ ଦାନ କରିଅଛନ୍ତି, ଯେପରି ସେହିସବୁ ଦ୍ୱାରା କୁଅଭିଳାଷରୁ ଜାତ ଯେଉଁ ବିନାଶ ଜଗତରେ ଅଛି, ସେଥିରୁ ରକ୍ଷା ପାଇ ଐଶ୍ୱରିକ ସ୍ୱଭାବର ସହଭାଗୀ ହୁଅ ।'' (୨ ପିତର ୧ :୩-୪)

ତ୍ୟାଗ ଓ ପରିବର୍ତ୍ତନର ପ୍ରତିଫଳ ପ୍ରଚୁର ଅଟେ । ଜାଗତିକ ଜୀବନ କ୍ଷୀଣ ହୋଇ, ଆତ୍ମିକ ଜୀବନ ଅଭିବୃଦ୍ଧି ହୁଏ । ପ୍ରଲୋଭିତ ହେବୁ କିନ୍ତୁ ଜୟ କରିବୁ । ପରୀକ୍ଷିତ ହେବୁ କିନ୍ତୁ ଶୁଦ୍ଧିକୃତ ହେବୁ । (ମଲାଖି ୩୨ :୩ । ''ଯେଣୁ ଆମ୍ଭେମାନେ କ୍ଳାନ୍ତ ହେଉନାହୁଁ, କିନ୍ତୁ ଆମ୍ଭମାନଙ୍କର ବାହ୍ୟିକ ପୁରୁଷ କ୍ଷୟ ପାଇଲେ ସୁଦ୍ଧା ଆମ୍ଭମାନଙ୍କ ଆନ୍ତରିକ ପୁରୁଷ ଦିନକୁ ଦିନ ନୂତନୀକୃତ ହେଉଅଛି । କାରଣ ଏହି କ୍ଷଣକାଳସ୍ଥାୟୀ ଲଘୁ କ୍ଳେଶ ଅତ୍ୟଧିକ ବାହୁଲ୍ୟରୂପେ ଆମ୍ଭମାନଙ୍କ ନିମନ୍ତେ ଅନନ୍ତକାଳସ୍ଥାୟୀ ମହା ଗୌରବ ସାଧନ କରୁଅଛି । ଯେଣୁ ଆମ୍ଭେମାନେ ଦୃଶ୍ୟ ବିଷୟ ପ୍ରତି ଲକ୍ଷ୍ୟ ନ କରି ଅଦୃଶ୍ୟ ବିଷୟ ପ୍ରତି ଲକ୍ଷ୍ୟ କରୁଅଛୁ, କାରଣ ଦୃଶ୍ୟ ବିଷୟ କ୍ଷଣକାଳସ୍ଥାୟୀ, କିନ୍ତୁ ଅଦୃଶ୍ୟ ବିଷୟ ଅନନ୍ତକାଳସ୍ଥାୟୀ ।'' (୨ କରିନ୍ଥୀ ୪:୧୬-୧୮)

**- Debra Griffin Mitchell**

❋ ❋ ❋

# ଶିଷ୍ୟ କିଏ ?

## (What is a Disciple Is ?)

ସ୍ୱର୍ଗାରୋହଣ ପୂର୍ବେ ଯୀଶୁଖ୍ରୀଷ୍ଟ ଆଜ୍ଞା ଦେଇ କହିଲେ, ''ଅତଏବ, ତୁମ୍ଭେମାନେ ଯାଇ ସମସ୍ତ ଜାତିର ଲୋକଙ୍କୁ ପିତା, ପୁତ୍ର ଓ ପବିତ୍ର ଆତ୍ମାଙ୍କ ନାମରେ ବାପ୍ତିସ୍ମ ଦେଇ, ମୁଁ ତୁମ୍ଭମାନଙ୍କୁ ଯେଉଁ ଯେଉଁ ଆଜ୍ଞା ଦେଇଅଛି, ସେହିସବୁ ପାଳନ କରିବାକୁ ଶିକ୍ଷା ଦେଇ ସେମାନଙ୍କୁ ଶିଷ୍ୟ କର...... ।'' (ମାଥିଉ ୨୮:୧୯) । ଏପରିଭାବେ ପରିବର୍ତ୍ତିତ ହେବା ଆତ୍ମାଗୁଡ଼ିକ ପରମେଶ୍ୱରଙ୍କ ଦୃଷ୍ଟିରେ ବହୁମୂଲ୍ୟ । ସେମାନେ ଛାତ୍ରମାନଙ୍କ ଠାରୁ ଅଧିକ ଭାବେ ପରିଗଣିତ ହୁଅନ୍ତି । ଛାତ୍ରମାନେ ଗୁରୁଙ୍କ ପାଦତଳେ ବସି ଶିକ୍ଷା ଗ୍ରହଣ କରନ୍ତି, କିନ୍ତୁ ଶିଷ୍ୟମାନେ ଗୁରୁଙ୍କ ଶିକ୍ଷା ପାଳନ କରନ୍ତି। ଶିଷ୍ୟମାନେ ଗୁରୁଙ୍କ ପାଦତଳେ ବସି ଶିକ୍ଷା କରନ୍ତି ଓ ଦିନେ ନିଜେ ଗୁରୁ ରୂପେ ପରିଗଣିତ ହୁଅନ୍ତି । ଯୀଶୁ କହିଲେ, ''ଶିଷ୍ୟ ଗୁରୁ ଠାରୁ ଶ୍ରେଷ୍ଠ ନୁହେଁ, କିନ୍ତୁ ପ୍ରତ୍ୟେକ ଶିଷ୍ୟ ସିଦ୍ଧ ହୋଇ ଆପଣା ଗୁରୁ ତୁଲ୍ୟ ହେବ ।'' (ଲୂକ ୬:୪୦) । ଶିଷ୍ୟ ଆପଣା ଗୁରୁଙ୍କ ଦ୍ୱାରା ଶିକ୍ଷିତ ହେବ, ତାହାଙ୍କ ଅନୁସରଣ କରି, ତାହାଙ୍କ ରୂପରେ ପରିବର୍ତ୍ତିତ ହୁଏ ।

ପ୍ରେରିତ ଯୋହନଙ୍କ ଲେଖନୀନୁଯାୟୀ (୧) ଶିଷ୍ୟମାନେ ତାହାଙ୍କ ଶିକ୍ଷାରେ ସ୍ଥିର ରୁହନ୍ତି । ଯୀଶୁ କହିଲେ, ''ଅତଏବ.... ଯଦି ତୁମ୍ଭେମାନେ ମୋହର ବାକ୍ୟରେ ସ୍ଥିର ହୋଇ ରହିବ, ତେବେ ତୁମ୍ଭେମାନେ ପ୍ରକୃତରେ ମୋହର ଶିଷ୍ୟ ।'' (ଯୋହନ ୮:୩୧) । ଯେଉଁମାନେ ବାଇବଲ ଶିକ୍ଷା ନ କରି ବାପ୍ତିସ୍ମ ଗ୍ରହଣ କରନ୍ତି, ସେମାନେ ପ୍ରକୃତ ଶିଷ୍ୟ ହୋଇ ପାରିବେ ନାହିଁ, କାରଣ, ବିଶ୍ୱାସ ଶ୍ରବଣରୁ ଜାତ ହୁଏ । (ରୋମୀୟ ୧୦:୧୭) । (୨) ଶିଷ୍ୟମାନେ ଏକ ଆରେକ ପ୍ରେମ କରନ୍ତି । ଆମ୍ଭମାନଙ୍କ ମହାନ ଶିକ୍ଷକ କହିଲେ,''ଯଦି ତୁମ୍ଭମାନଙ୍କର ପରସ୍ପର ପ୍ରତି ପ୍ରେମ ଥାଏ, ତାହାହେଲେ ତୁମ୍ଭେମାନେ ଯେ ମୋହର ଶିଷ୍ୟ ଏହା ସମସ୍ତେ ତଦ୍ୱାରା ଜ୍ଞାତ ହେବେ ।'' (ଯୋହନ ୧୩:୩୫) । ପ୍ରେମ ନ ଥିବା ଖ୍ରୀଷ୍ଟିୟାନ, ପ୍ରକୃତ ଶିଷ୍ୟ ନୁହେଁ । (୧ମ ଯୋହନ ୪:୨୦) । ପରମେଶ୍ୱର ସନ୍ତାନମାନଙ୍କ ମଧ୍ୟରେ ପ୍ରେମ ଥାଏ, କାରଣ ''....କାରଣ

ଈଶ୍ୱରତ ପ୍ରେମ ।'' (୧ମ ଯୋହନ ୪:୮) । ''ସେ ଆମ୍ଭମାନଙ୍କ ନିମନ୍ତେ ଆପଣା ପ୍ରାଣଦାନ କରିବା ଦ୍ୱାରା ଆମ୍ଭେମାନେ ପ୍ରେମର ପରିଚୟ ପାଇଅଛୁ ।'' ଭାଇମାନଙ୍କ ନିମନ୍ତେ ଆମ୍ଭମାନଙ୍କର ପ୍ରାଣଦାନ କରିବା ଉଚିତ ।'' (୧ମ ଯୋହନ ୩:୧୬)

(୩) ଶିଷ୍ୟମାନେ ପ୍ରଚୁର ଫଳ ଫଳନ୍ତି : ''ତୁମ୍ଭେମାନେ ପ୍ରଚୁର ଫଳ ଫଳିଲେ ମୋହର ପିତା ମହାନ୍ୱିତ ହେବେ । ଆଉ ତୁମ୍ଭେମାନେ ମୋହର ପ୍ରକୃତ ଶିଷ୍ୟ ହେବ ।'' (ଯୋହନ ୧୫:୮) । ଆତ୍ମିକ ଭାବେ ଫଳ ଫଳିବାର ଅର୍ଥ (୧) ଧାର୍ମିକତାର ଫଳ (ଯାକୁବ ୩:୧୮) ଏବଂ (୨) ପ୍ରଭୁଙ୍କ ନିମନ୍ତେ ଅନେକ ଆତ୍ମା ଲାଭ କରିବା (ଫିଲିପ ୧:୨୨) । ପ୍ରତ୍ୟେକ ସଜୀବ ପ୍ରାଣୀ ସଂଖ୍ୟାରେ ଅଭିବୃଦ୍ଧି ପାଏ । ପ୍ରକୃତ ଶିଷ୍ୟମାନେ ଈଶ୍ୱରଙ୍କ ନିମନ୍ତେ ଫଳ ଫଳନ୍ତି ।

ପ୍ରକୃତ ଶିଷ୍ୟତ୍ୱର ଅର୍ଥ ଯୀଶୁଙ୍କ ବିଷୟରେ ଶିକ୍ଷା କରିବା, ତାହାଙ୍କୁ ଅନୁସରଣ କରିବା ଏବଂ ତାହାଙ୍କ ସୁସମାଚାର ପ୍ରଚାର କରିବା । ଶିଷ୍ୟମାନେ ଅନ୍ୟମାନଙ୍କୁ ଖ୍ରୀଷ୍ଟଙ୍କ ନିକଟ ଆଣନ୍ତି । ଏହା ପ୍ରକୃତ ଶିଷ୍ୟତ୍ୱ, ''ମୁଁ ତୁମ୍ଭମାନଙ୍କୁ ଯେଉଁ ଯେଉଁ ଆଜ୍ଞା ଦେଇଅଛି, ସେହିସବୁ ପାଳନ କରିବାକୁ ଶିକ୍ଷା ଦେଇ, ସେମାନଙ୍କୁ ଶିଷ୍ୟ କର ...'' (ମାଥିଉ ୨୮:୨୦) ।

**- Donny Weimar**

❋ ❋ ❋

## ଘର ବାହୁଡ଼ା
### (Come Home)

ଯୀଶୁ କହିଲେ,''କାରଣ ଈଶ୍ୱର ଜଗତକୁ ଏଡ଼େ ପ୍ରେମ କଲେ ଯେ, ସେ ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଦାନ କଲେ, ଯେପରି ଯେ କେହି ତାହାଙ୍କ ଠାରେ ବିଶ୍ୱାସକରେ, ସେ ବିନଷ୍ଟ ନ ହୋଇ ଅନନ୍ତ ଜୀବନ ପ୍ରାପ୍ତ ହୁଏ ।'' (ଯୋହନ ୩:୧୬) । ଯୀଶୁଖ୍ରୀଷ୍ଟଙ୍କ କ୍ରୁର କ୍ରୁଶୀୟ ମୃତ୍ୟୁ ଦ୍ୱାରା, ମହାନ ପିତାଙ୍କ ମନୁଷ୍ୟମାନଙ୍କ ପ୍ରତି ପ୍ରେମ ସପ୍ରମାଣ କରେ । ''ଯେତେ ଲୋକ ତାହାଙ୍କୁ ଗ୍ରହଣ କଲେ, ଅର୍ଥାତ୍ ଯେଉଁମାନେ ତାହାଙ୍କ ନାମରେ ବିଶ୍ୱାସ କଲେ, ସେ ସମସ୍ତଙ୍କୁ ସେ ଈଶ୍ୱରଙ୍କ ସନ୍ତାନ

ହେବା ନିମନ୍ତେ ଅଧିକାର ଦେଲେ ।'' (ଯୋହନ ୧ : ୧ ୨ ) । ଯେଉଁମାନେ ତାହାଙ୍କୁ ଓ ତାହାଙ୍କ ବାକ୍ୟ ଗ୍ରହଣ କରନ୍ତି ସେମାନେ ପ୍ରକୃତରେ ତାହାଙ୍କ ସନ୍ତାନ । ପ୍ରେମମୟ ପିତା ଆପଣା ସନ୍ତାନମାନେ ଏହି ଜୀବନରେ ଓ ପରଜୀବନ ତାହାଙ୍କ ନିକଟରେ ରହିବା ଇଚ୍ଛା କରନ୍ତି ।

ଏକ ପଥହରା ପୁତ୍ରର କାହାଣୀ ଆମ୍ଭେମାନେ, ଲୂକ ୧ ୫ ପର୍ବରେ ପଢ଼ିଥାଉଁ । ଏକ ବ୍ୟକ୍ତିଙ୍କ ସାନ ପୁଅ, ବାପାଙ୍କ ଠାରୁ ସମ୍ପତ୍ତିର ଭାଗ ନେଇ, ଦୂର ଦେଶକୁ ଚାଲିଗଲା । ସେଠାରେ ସମସ୍ତ ସମ୍ପତ୍ତି କଦାଚାରରେ ଉଡ଼ାଇଦେଲା । ଦୁର୍ଦ୍ଦଶା ସମୟରେ, ପିତାଙ୍କ ଗୃହରେ ତାହାର ସୁଖମୟ ଜୀବନ ମନେ ପକାଇଲା । ସେ ଏକ ଦାସ ରୂପେ ଆପଣା ପିତାଙ୍କ ନିକଟକୁ ଫେରି ଆସିଲା । କିନ୍ତୁ ପ୍ରେମମୟ ପିତା, ତାହାଙ୍କ ଏକ ରାଜପୁତ୍ର ଭାବେ ଅଭ୍ୟର୍ଥନା ଜଣାଇଲେ । ଯଦି ସେ ପୁତ୍ର ପରିବର୍ତ୍ତିତ ହୃଦୟ ଓ ନମ୍ରତା ସହ ଫେରି ନ ଆସିଥିଲେ, ତାହାର ଗତି କଅଣ ହୁଅନ୍ତା ?

ଯଦିଓ ଆମ୍ଭମାନଙ୍କ ସ୍ୱର୍ଗୀୟ ପିତା, ମନୁଷ୍ୟମାନଙ୍କ ଅତ୍ୟନ୍ତ ଭାବେ ପ୍ରେମ କରନ୍ତି, ତାହାଙ୍କ ଅନ୍ୟ ଏକ ଗୁଣ ବିଷୟରେ ମଧ୍ୟ ଆମ୍ଭେମାନେ ଜ୍ଞାତ ହେବା ଆବଶ୍ୟକ । ଅତଏବ, ଈଶ୍ୱରଙ୍କ ଦୟା ଓ କଠୋରତା ବୁଝି ଯେଉଁମାନେ ପତିତ ହେଲେ, ସେମାନଙ୍କ ପ୍ରତି କଠୋରତା, କିନ୍ତୁ ତୁମ୍ଭେ ଯଦି ଈଶ୍ୱରଙ୍କ ଦୟାର ଶରଣାପନ୍ନ ହୋଇ ରହିଥାଅ, ତାହାହେଲେ ତୁମ୍ଭ ପ୍ରତି ତାହାଙ୍କ ଦୟା, ନୋହିଲେ ତୁମ୍ଭେ ମଧ୍ୟ କଟାଯିବ ।'' (ରୋମୀୟ ୧ ୧ : ୨ ୨ ) । ''......ଯେପରି କେହି ବିନଷ୍ଟ ନ ହୁଅନ୍ତି, ବରଂ ସମସ୍ତେ ମନ ପରିବର୍ତ୍ତନ କରନ୍ତି, ଏହା ଇଚ୍ଛା....'' କରନ୍ତି । କିନ୍ତୁ ''....ମନ ପରିବର୍ତ୍ତନ ନ କଲେ ତୁମ୍ଭେମାନେ ସେହିପ୍ରକାର ବିନଷ୍ଟ ହେବ ।'' (ଲୂକ ୧ ୩:୩) ବୋଲି ଯୀଶୁ ଯେଉଁ ଆଜ୍ଞା ଦେଇଅଛନ୍ତି, ତାହା ଅପରିବର୍ତ୍ତନୀୟ । ପ୍ରେମମୟ ମହାନ ପିତା, ଆପଣା ଦୟାଗୁଣ ହେତୁ ''ନ୍ୟାର୍ଯ୍ୟ'' ପରିତ୍ୟାଗ କରନ୍ତି ନାହିଁ । ପରିବର୍ତ୍ତିତ ଓ ନମ୍ର ହୃଦୟ ବିନୁ କେହି ସ୍ୱର୍ଗୀୟ ପିତାଙ୍କ ନିକଟବର୍ତ୍ତୀ ହୋଇପାରେ ନାହିଁ ।

• ପ୍ରିୟ ବନ୍ଧୁ, ଆପଣ କି ପିତାଙ୍କ ଗୃହରୁ ଦୂରରେ ଅଛନ୍ତି ? ଆଜି ତାହାଙ୍କ ଗୃହକୁ ଫେରିଆସନ୍ତୁ । ସେ ହସ୍ତଦ୍ୱୟ ବିସ୍ତାର କରି ଆପଣଙ୍କ ବାହୁଡ଼ା ନିମନ୍ତେ ଅପେକ୍ଷା କରନ୍ତି ।

**- Dorrell Powell**

# ପ୍ରଗତିରେ ଏକ ପରିଚର୍ଯ୍ୟା
## (A work in Progress)

ତାର୍ଷ ନିବାସୀ ଶାଉଲଙ୍କ ବିଷୟରେ ଆମ୍ଭେମାନେ ସର୍ବପ୍ରଥମେ ପ୍ରେରିତମାନଙ୍କ କାର୍ଯ୍ୟାବଳୀର ପୁସ୍ତକ ସପ୍ତମ ଅଧ୍ୟାୟରେ ୫୮ତମ ପଦରେ ପଢ଼ିଥାଉଁ । ସେ ସମୟରେ ସ୍ତିଫାନଙ୍କ ପ୍ରସ୍ତରାଘାତରେ ମୃତ୍ୟୁ ଭୋଗିବାରେ ସଚକ୍ଷୁ ସାକ୍ଷୀ ଥିଲେ ଓ ତାହାଙ୍କ ଦୁଃମରଣରେ ସେ ସମ୍ମତ ଥିଲେ ।

ଶାଉଲ ଏକ ରୋମୀୟ ନାଗରିବ ଓ ଗ୍ରୀକ୍ ସଂସ୍କୃତିରେ ସୁଶିକ୍ଷିତ ଥିଲେ । ଖ୍ରୀଷ୍ଟିୟାନମାନଙ୍କୁ ତାଡ଼ନା କରିବା ଓ ମଣ୍ଡଳୀକୁ ଧ୍ୱଂସ କରିବା ତାହାଙ୍କ ଜୀବନର ପ୍ରଧାନ ଲକ୍ଷ୍ୟ ଥିଲା । (ପ୍ରେ.କା. ୯:୩) । ଯୀଶୁଖ୍ରୀଷ୍ଟଙ୍କ ଅନୁଚରମାନଙ୍କୁ ଭୟଭୀତ କରିବାରେ, ପ୍ରାଣ ନାଶ କରିବାରେ ଅତି ଇଚ୍ଛୁକ ଶାଉଲ, ଦମ୍ମେସ୍କକର ସମସ୍ତ ସମାଜଗୃହ ଠାରୁ ଅଧିକାର ପୂର୍ଣ୍ଣ ସେ ପ୍ରାପ୍ତ ଥିଲେ । (୯:୨) ।

କିନ୍ତୁ ସେ ଦମ୍ମେସ୍କକର ମାର୍ଗରେ ପ୍ରଭୁ ଯୀଶୁଙ୍କ ଦର୍ଶନ ପାଇ ଆଶ୍ଚର୍ଯ୍ୟାନ୍ୱିତ ହୋଇଥିଲେ । ବାକ୍ୟ କହେ,''.....ଅକସ୍ମାତ ଆକାଶରୁ ଆଲୋକ ତାଙ୍କ ଚାରିଆଡ଼େ ଚମକି ଉଠିଲା । ସେଥିରେ ସେ ଭୂମିରେ ପଡ଼ିଯାଇ ତାଙ୍କ ପ୍ରତି ଉକ୍ତ ଏହିବାଣୀ ଶୁଣିଲେ, ''ହେ ଶାଉଲ, ହେ ଶାଉଲ, କାହିଁକି ଆମ୍ଭକୁ ତାଡ଼ନା କରୁଅଛ ?'' (୯:୩,୪)

ସେ ଯୀଶୁଖ୍ରୀଷ୍ଟଙ୍କ ସହ କଥୋପକଥନ କରୁଅଛନ୍ତି ବୋଲି ଜ୍ଞାତ ହୋଇ, ତାହାଙ୍କୁ କଅଣ କରିବାକୁ ହେବ ବୋଲି ପ୍ରଶ୍ନ କରିଥିଲେ । ଯୀଶୁ, ଶାଉଲଙ୍କୁ ଉତ୍ତର ଦେଇ କହିଲେ, ''.....ଉଠ, ନଗରରେ ପ୍ରବେଶ କର, ଆଉ ତୁମ୍ଭକୁ କଅଣ କରିବାକୁ ହେବ କୁହାଯିବ ।'' (୬ମ ପଦ)

ଦୃଷ୍ଟିବିହୀନ ଶାଉଲ ଦମେସ୍କକ ନଗରକୁ ହାତ ଧରି, ତାହାଙ୍କ ସଙ୍ଗୀମାନେ କଢ଼ାଇ ଘେନିଗଲେ । ହନନୀୟ ନାମକ ଏକ ପ୍ରଚାରକ, ଶାଉଲଙ୍କୁ ପ୍ରଭୁଙ୍କ ମାର୍ଗ ଶିକ୍ଷା ଦେବା ନିମନ୍ତେ ପ୍ରଭୁଙ୍କ ଦ୍ୱାରା ପ୍ରେରିତ ହେଲେ ଏବଂ ସେ ଦୃଷ୍ଟିଶକ୍ତି ପାଇ ବାପ୍ତିଜିତ ହେଲେ । (୧୮ମ ପଦ)

**ଏକ ନୂତନ ଗମ୍ୟ :**

ପ୍ରଥମେ ଶାଉଲ ଯେଉଁ ଖ୍ରୀଷ୍ଟଧର୍ମର ମାର୍ଗକୁ ନିନ୍ଦା କରୁଥିଲେ, ତାଡ଼ନା କରିଥିଲେ, ବର୍ତ୍ତମାନ ସେ ଗ୍ରହଣ କରିଥିଲେ । ତାହାଙ୍କ ପରିବର୍ତ୍ତନରେ ଲୋକେ ଆଶ୍ଚର୍ଯ୍ୟାନ୍ୱିତ ହେଲେ । ଯେଉଁ ବ୍ୟକ୍ତି ଘରେ ଘରେ ଯାଇ ଖ୍ରୀଷ୍ଟିୟାନମାନଙ୍କୁ ବାନ୍ଧି କାରାଗାରରେ ନିକ୍ଷିପ୍ତ କରୁଥିଲେ, ସେ ନିଜେ ସେହି ଖ୍ରୀଷ୍ଟଧର୍ମ ପ୍ରଚାର କରିବାକୁ ଆରମ୍ଭ କଲେ ।

ଶେଷରେ, ଯିହୂଦୀମାନେ ତାହାଙ୍କୁ ହତ୍ୟା କରିବା ନିମନ୍ତେ ଷଡ଼ଯନ୍ତ୍ର କଲେ । କିନ୍ତୁ ତାହାଙ୍କ ଶିଷ୍ୟମାନେ ତାହାଙ୍କୁ ରାତ୍ରି କାଳରେ ତାଙ୍କୁ ଘେନି ଗୋଟିଏ ବେତାରେ ପ୍ରାଚୀର ଦେଇ ତଳକୁ ଓହ୍ଲାଇ ଦେଲେ । ସେ ଯିରୁଶାଲମକୁ ପଳାୟନ କରି, ଅନ୍ୟ ଖ୍ରୀଷ୍ଟିୟାନ ମାନଙ୍କ ସହଭାଗିତା ଅପେକ୍ଷା କଲେ । କିନ୍ତୁ ଯିରୁଶାଲମରେ ଥିବା ପ୍ରେରିତମାନେ, ଶିଷ୍ୟମାନେ ତାହାଙ୍କ ସହ ସହଯୋଗ କରିବାରେ ଭୀତ ହେଲେ । କାରଣ ସେମାନେ ଶାଉଲଙ୍କ ପୂର୍ବ କାର୍ଯ୍ୟ ବିଷୟରେ ଜ୍ଞାତ ଥିଲେ । କିନ୍ତୁ ବର୍ଣ୍ଣବା ଦ୍ୱୟପକ୍ଷର ମଧ୍ୟସ୍ଥ ହୋଇ, ସହଭାଗିତାରେ ସାହାଯ୍ୟ କରିଥିଲେ ।

ପ୍ରେରିତମାନଙ୍କ କାର୍ଯ୍ୟାବଳୀର ପୁସ୍ତକ ତ୍ରୟୋଦଶ ଅଧ୍ୟାୟ ନବମ ପଦରୁ, ଶାଉଲଙ୍କ ନାମ ପାଉଲ ରୂପେ ହେବା ପଢ଼ିପାରିଥାଉ । ପାଉଲ ଅନେକ ପ୍ରଦେଶରେ ପ୍ରଭୁଙ୍କ ସୁସମାଚାର ପ୍ରଚାର କରି, ଅନେକ ସ୍ଥାନରେ ଖ୍ରୀଷ୍ଟଙ୍କ ମଣ୍ଡଳୀ ସ୍ଥାପନ କରିଥିଲେ । ସେ ଅନେକ ଶ୍ରମ, କ୍ଲେଶର ସମ୍ମୁଖୀନ ହୋଇଥିଲେ । ଖ୍ରୀଷ୍ଟଙ୍କ ନିମନ୍ତେ ସେ ଅନୁଭବ କରିଥିବା ଶ୍ରମ, କ୍ଲେଶରର ବିବରଣ ଆମ୍ଭେମାନେ ୨ କରିନ୍ଥୀ ୧୧ମ ପର୍ବରେ ପଢ଼ିଥାଉ ।

ଶେଷରେ, ରୋମୀୟ ଦରବାରରେ ବିଚାର ହେବା ନିମନ୍ତେ ପାଉଲ ସେଠାକୁ ନିଆଯାଇଥିଲେ । ସେଠାରେ ଦୁଇବର୍ଷ ବନ୍ଦୀବସ୍ଥାରେ ରହି, ଅନେକ ନିକଟରେ ସୁସମାଚାର ପ୍ରଚାର କରିଥିଲେ ।

ପୂର୍ବେ ଖ୍ରୀଷ୍ଟଙ୍କ ଶତ୍ରୁ ରୂପେ ପରିଚିତ ପ୍ରେରିତ ପାଉଲ ଖ୍ରୀଷ୍ଟିୟ ଜୀବନ ନିମନ୍ତେ ଆବଶ୍ୟକୀୟ ଅନେକ ପତ୍ର ଲେଖିଥିଲେ । ସେଥିମଧ୍ୟରୁ କେତୋଟି ସେ ରୋମୀୟ କାରାଗାରରୁ ଲେଖିଥିଲେ । ତାହାଙ୍କ ଅନ୍ତ ସମୀପରେ ଥିବା ବିଷୟ, ସେ

ତୀମଥିଙ୍କୁ ଲେଖିଥିବା ଦ୍ୱିତୀୟ ପତ୍ରରେ ସୂଚାଇ ଥିଲେ । ଯଦିଓ ତାହାଙ୍କ ମୃତ୍ୟୁ ବିଷୟରେ ବାଇବଲରେ ଲିଖିତ ହୋଇନାହିଁ । କିନ୍ତୁ EUSEBLUS ନାମକ ଏକ ଐତିହାସିକ, ପାଉଲ ଖ୍ରୀ:ଜ: ୬୭ ମସିହାରେ ମସ୍ତକ ଛେଦନ ଦ୍ୱାରା ମୃତ୍ୟୁ ଭୋଗିଥିଲେ ବୋଲି ଆପଣା ଲେଖନୀରେ ପ୍ରକଟ କରନ୍ତି । ପ୍ରେରିତ ପାଉଲ ରାତାରାତି ଏକ ମହାନ୍ ଆତ୍ମିକ ନେତା ହୋଇ ନ ଥିଲେ । କିନ୍ତୁ କ୍ରମେ କ୍ରମେ ଏକ ମହାନ୍ ବ୍ୟକ୍ତି, ଏକ ମହାନ୍ ପ୍ରଚାରକ, ଏକ ମହାନ ପ୍ରେରିତ ରୂପେ ବୃଦ୍ଧି ପାଇଥିଲେ ।

ସେ ପାପ ବିରୁଦ୍ଧରେ କିପରି ସଂଗ୍ରାମ କରିଥିଲେ, ରୋମୀୟ ୮:୧୯ ପଦରେ ଲେଖିଅଛନ୍ତି, ‘‘କାରଣ, ଉତ୍ତମ କର୍ମ କରିବାକୁ ଇଚ୍ଛୁକ ଯେ ମୁଁ, ମୋ ନିକଟରେ ଯେ ଉପସ୍ଥିତ........’’ (ରୋମୀୟ ୭:୧୯) । ପ୍ରେରିତ ପାଉଲ ଆମ୍ଭମାନଙ୍କ ସଦୃଶ୍ୟ ଏକ ସମଭାବାପନ୍ନ ମନୁଷ୍ୟ ଥିଲେ । ଆମ୍ଭମାନଙ୍କ ସଦୃଶ୍ୟ ତାହାଙ୍କ ସମ୍ମୁଖରେ ପାପର ପ୍ରଲୋଭନ ଥିଲା । ପାପ, ପ୍ରଲୋଭନ ଜୟ କରିବା, ତାହାଙ୍କ ନିମନ୍ତେ ସାଧାରଣ ବିଷୟ ନ ଥିଲା । କିନ୍ତୁ ସେ ସନ୍ତୋଷ ଓ ସନ୍ତୃପ୍ତି ସହ କହନ୍ତି,‘‘......ମୁଁ ଯେକୌଣସି ଅବସ୍ଥାରେ ଥାଏ, ସେଥିରେ ସନ୍ତୁଷ୍ଟ ରହିବାକୁ ଶିକ୍ଷା କରିଅଛି ।’’ (ଫିଲିପି ୪:୧୧) । ପାଉଲଙ୍କ ଜୀବନର କଷ୍ଟ, ଶ୍ରମ, ତାହାଙ୍କ ଜୀବନର ଦୁର୍ବଳତା ଦୂର କରି ଏକ ସମ୍ପୂର୍ଣ୍ଣ ବ୍ୟକ୍ତି ରୂପେ ଗଢ଼ି ଥିଲା । ଏତଦ୍ୱାରା ସ୍ୱର୍ଗକୁ ଯିବା ପଥ ସୁଖପ୍ରଦ ହୋଇଗଲା । ସେ ଦୁଇପାଦ ଆଗକୁ ନେଇ, ଏକପାଦ ପଛକୁ ନେଇଥିଲେ ।

ଏହି ପରମେଶ୍ୱରଙ୍କ ଠାରୁ ଆମ୍ଭେମାନେ ଅନେକ ମୂଲ୍ୟବାନ ଶିକ୍ଷା ପାଇଥାଉ । ପ୍ରଭୁଙ୍କ ଦର୍ଶନ ପାଇବା ପୂର୍ବେ ଅନେକ ଖ୍ରୀଷ୍ଟିୟାନମାନଙ୍କ ତାଡ଼ନା କଲେ, କିନ୍ତୁ ପ୍ରଭୁଙ୍କୁ ପାଇବା ପରେ ବିଶ୍ୱାସରେ ସ୍ଥିର ରହି, ତାହାଙ୍କ ରାଜ୍ୟ ନିମନ୍ତେ ଅନେକ ଆତ୍ମା ଲାଭ କରିଥିଲେ ।

ଆମ୍ଭେମାନେ ଶ୍ରମ, କ୍ଳେଶର ନିରୁତ୍ସାହର ସମ୍ମୁଖୀନ ହେବାବେଳେ, ପ୍ରେରିତ ପାଉଲଙ୍କୁ ସ୍ମରଣ କରୁ । ଆମ୍ଭେମାନେ ଦୁର୍ବଳ ମନୁଷ୍ୟ ମାତ୍ର ଯେ ଆମ୍ଭମାନଙ୍କ ନିମନ୍ତେ ଆପଣା ପ୍ରାଣ ନେଲେ, ତାହାଙ୍କ ଦ୍ୱାରା ସବଳ ହେଉ । ଆସ, ଆମ୍ଭେମାନେ ସେହି ପରିଚର୍ଯ୍ୟାର ସହଭାଗୀ ହେଉ ।

**- Late Betty Tucker**

* * *

# ଲୁକ ୧୬:୧୯-୩୧
## (Luke 16:19-31)

ଲୁକ ୧୬:୧୯-୩୧ ପଦଗୁଡ଼ିକରେ ଲାଜର ଓ ଏକ ଧନୀ ଲୋକଙ୍କ କାହାଣୀ ଲିଖିତ ଅଛି । ଲାଜର ମୃତ୍ୟୁ ପର୍ଯ୍ୟନ୍ତ, ଧନୀ ଲୋକଙ୍କ ଫାଟକ ପାଖେ ବସି ଭୀକ୍ଷା ମାଗୁଥିଲେ । ଧନୀଲୋକେ ଆପଣା ମୃତ୍ୟୁ ପର୍ଯ୍ୟନ୍ତ ଭୋଗବିଳାସରେ ସୁଖମୟ ଜୀବନ କାଟୁଥିଲେ । ଏହି କାହାଣୀରୁ ଆମ୍ଭେମାନେ ଅନେକ ବିଷୟ ଶିକ୍ଷା କରୁ ।

**ପବିତ୍ର ବାକ୍ୟରେ ଭୀକ୍ଷୁକ ନାମ ଲିଖିତ ଅଛି, କିନ୍ତୁ ଧନୀ ଲୋକଙ୍କ ନୁହେଁ :**

ପିତା, ପରମେଶ୍ୱରଙ୍କ ଦୃଷ୍ଟିକୋଣ ଆମ୍ଭମାନଙ୍କ ଦୃଷ୍ଟିକୋଣ ସମାନ ନୁହେଁ । ସେ ମନୁଷ୍ୟର ହୃଦୟ ପରୀକ୍ଷା କରନ୍ତି, କିନ୍ତୁ, ଆମ୍ଭେମାନେ ମନୁଷ୍ୟର ବାହ୍ୟରୂପ ଲକ୍ଷ୍ୟ କରିଥାଉ । (୧ମ ଶାମୁୟେଲ ୧୬:୭) ଆମ୍ଭେମାନେ ଯଦି ଏହି କାହାଣୀ ଲେଖିଥାନ୍ତୁ । ଧନୀଲୋକର ନାମ ପ୍ରଥମେ ଉଲ୍ଲେଖ କରନ୍ତୁ, କିନ୍ତୁ ଭୀକ୍ଷୁକଙ୍କ ନାମ ଭୁଲି ଯାନ୍ତୁ । ଧନୀଲୋକର ସମାଧି ଦେବା କାର୍ଯ୍ୟକ୍ରମରେ କେତେ ଲୋକ ଯୋଗ ଦେଇଥିଲେ, କେତେଜଣ ଅଭ୍ୟର୍ଥନା ଜଣାଇଥିଲେ, ପ୍ରଚାରକ ତାହାଙ୍କ ବିଷୟରେ ଯେଉଁ ଯେଉଁ ଉତ୍ତମ ବିଷୟ କହିଥିଲେ, ଆମ୍ଭମାନଙ୍କ ଲେଖନୀର ପ୍ରଧାନ ବିଷୟବସ୍ତୁ ହୁଅନ୍ତା, କେହି ମଧ୍ୟ ଏକ ଭୀକ୍ଷୁକଙ୍କ ମୃତ୍ୟୁ ଉଲ୍ଲେଖ କରି ନ ଥାନ୍ତେ ।

**ଲାଜର, ଦୂତମାନଙ୍କ ଦ୍ୱାରା ଅବ୍ରାହମଙ୍କ କୋଳକୁ ଘେନାଗଲେ :**

ବାକ୍ୟ କହେ, "..........ଧନୀ ଲୋକ ମଧ୍ୟ ମରିଗଲା ଓ ସମାଧି ପାଇଲା ।" (୨୨ତମ) । ଦୂତମାନେ ଧାର୍ମିକ ଲାଜରଙ୍କ ଆତ୍ମାକୁ 'ଅବ୍ରାହମ କୋଳକୁ' ନେଇ ଯାଇଥିଲେ । ଅଧାର୍ମିକମାନଙ୍କ ଆତ୍ମା ନରକ ଯନ୍ତ୍ରଣାରେ କଲବଲ ହେଉଥିବେ । ମନୁଷ୍ୟ ଦୁହେଁ ଯିହୂଦୀ ଥିଲେ । ପୁରାତନ ନିୟମାଧିନ ରହି ଜୀବନଯାପନ କରିଥିଲେ । ଜଣେ ଆପଣା ଆତ୍ମା ହରାଇଲେ, କିନ୍ତୁ ଅନ୍ୟ ଜଣକ ଅବ୍ରାହମଙ୍କ କୋଳକୁ ନୀତ ହେଲେ । ଯଦି ଆମ୍ଭେମାନେ ସେହି ସମୟରେ ଜୀବନଯାପନ କରିଥାନ୍ତୁ ଦୁଇଜଣ ମଧ୍ୟରୁ କାହାକୁ ବିଶ୍ୱସ୍ତ ମଣନ୍ତୁ ? ଭୀକ୍ଷୁକ ଧାର୍ମିକ ଥିଲେ, କିନ୍ତୁ ଧନୀ ଲୋକ ନୁହେଁ ।

ବିଚାରିତ ହେଲେ : ଏହା ଶେଷ ବିଚାର (ଲୂକ ୧୬:୨୪-୨୬) ଉଭୟେ ପ୍ରଥମ ବ୍ୟବସ୍ଥା ଅଥବା ମୋଶାଙ୍କ ବ୍ୟବସ୍ଥାଧିନ ଥିଲେ । ସେମାନଙ୍କ ବିଧି କେହିବି ବଦଳାଇ ନ ପାରେ । ଅତୀତ, କିଅବା ବର୍ତ୍ତମାନ କିଅବା ଭବିଷ୍ୟତରେ ଜୀବନଯାପନ ପ୍ରତ୍ୟେକ ବ୍ୟକ୍ତି ନିଜେ ଏହିପରି ଭାବରେ ବିଚାରିତ ହେବେ । ମନୁଷ୍ୟମାନେ ଧାର୍ମିକ ବ୍ୟକ୍ତି ଅବ୍ରାହମ, ଲାଜର, ପାଉଲ ଓ ପିତରଙ୍କ ସଦୃଶ୍ୟ, ନଚେତ୍ ଏହି ଧନୀ ବ୍ୟକ୍ତି, ଇଷ୍କାରିଥ୍ ଯିହୂଦା, ପିଲାତ ପ୍ରଭୃତିଙ୍କ ସଦୃଶ୍ୟ ଅଧାର୍ମିକ ଅଟନ୍ତି । ଆପଣଙ୍କ ମୃତ୍ୟୁ ପରେ ଆପଣ କେଉଁଠି ଆପଣା ଅନନ୍ତଜୀବନ କରିବେ, ମୃତ୍ୟୁ ଭୋଗିବାରେ ତତ୍କ୍ଷଣାତ୍ ଜାଣିପାରିବେ । ସତ୍ୟ ଜାଣିବା ନିମନ୍ତେ ଆପଣଙ୍କୁ ଏକ କ୍ଷଣ ମଧ୍ୟ ଅପେକ୍ଷା କରିବାକୁ ପଡ଼ିବ ନାହିଁ ।

**ଧନୀ ଲୋକ ଅବ୍ରାହମ ଓ ଲାଜରଙ୍କୁ ଚିହ୍ନିଲେ (୨୩ତମ ପଦ) :**

ଧନୀଲୋକ ଅବ୍ରାହମଙ୍କ କୌଣସି ଛବି ଦେଖି ନ ଥିଲେ । ଅବ୍ରାହମଙ୍କ ମୃତ ଦେହ ଦୁଇ ହଜାର ବର୍ଷ ପୂର୍ବେ ମାଟିରେ ମିଶି ଯାଇଥିଲା । (ଉପ ୧୨:୭) । କିନ୍ତୁ ଅବ୍ରାହମଙ୍କ ଆତ୍ମାକୁ ଧନୀ ଲୋକ ପାରଦୀଶରେ ଚିହ୍ନି ପାରିଥିଲେ । ଦୁଃଖର ବିଷୟ ଏହିକି ଯେ, ସେ ଲାଜରଙ୍କ ପ୍ରତି ମନଯୋଗ କରିବାରେ ବିଳମ୍ୱ କଲେ, ତାହାଙ୍କ ପରିଚିତ ତାହାଙ୍କ ଫାଟକ ନିକଟରେ ପଡ଼ି ରହିଥିବା ଲାଜର, ତାହାଙ୍କୁ ସାହାଯ୍ୟ କରିବେ ବୋଲି ସେ ଆଶା କରୁଥିଲେ । ଆମ୍ଭେମାନେ ମଧ୍ୟ ଅନେକ ସମୟରେ ଏପରି ଭାବେ ବ୍ୟବହାର କରିଥାଉ । ଅବ୍ରାହମ ଓ ଲାଜରଙ୍କୁ ଧନୀଲୋକ ଚିହ୍ନି ପାରିବା ସଦୃଶ୍ୟ, ମୃତ୍ୟୁ ପରେ ଆମ୍ଭେମାନେ ଏକ ଆରେକଙ୍କୁ ଚିହ୍ନିପାରିବା ।

**ଧନୀଲୋକ, ଅବ୍ରାହମଙ୍କୁ ଦୟାଭୀକ୍ଷା କରିଥିଲେ :** ମୃତ୍ୟୁ ପରେ ସଦାପ୍ରଭୁ ଦୁଷ୍ଟ ମନୁଷ୍ୟମାନଙ୍କ ପ୍ରତି ଦୟା ବହିବେ ନାହିଁ । ସମୟ ବିତିଯାଇଛି । ବର୍ତ୍ତମାନ ସମୟ ହିଁ ଦୟା ଓ ଅନୁଗ୍ରହର ସମୟ । (ତିତ ୨:୧୧-୧୪;୧ମ ତୀମଥି ୧:୨) । ବର୍ତ୍ତମାନ ସମୟରେ ଆମ୍ଭେମାନେ ତାହାଙ୍କ ଆଜ୍ଞାବହ ହେଉ । ମୃତ୍ୟୁ ପରେ ଆଉ ପରିତ୍ରାଣ ନାହିଁ । ମୃତ୍ୟୁ ପରେ ଅନନ୍ତ ଜୀବନର ସ୍ଥାନ ନିର୍ଣ୍ଣିତ ହୋଇଥାଏ । ଏବେ ଯଦି ଆପଣ ମୃତ୍ୟୁ ଭୋଗନ୍ତି, ଅନନ୍ତ ଜୀବନ କେଉଁଠାରେ ବିତାଇବେ ?

**ଧନୀ ଲୋକଙ୍କ ନିକଟରେ ଈଶ୍ୱରଙ୍କ ବାକ୍ୟ ନିମନ୍ତେ ସମୟ ନ ଥିଲା କିଅବା ଆଲୋଚନା ନ ଥିଲା :** ସେ ଭୋଜନପାନ, ଆମୋଦ ପ୍ରମୋଦ, ଭୋଗବିଳାସରେ ଅତ୍ୟନ୍ତ ସୁଖମୟ ଜୀବନଯାପନ କରୁଥିଲେ । (୨୫ତମ ପଦ, ଯାତ୍ରା ୩୨:୬, ୧ମ କରିନ୍ଥୀ ୧୫:୩୨, ଲୂକ ୧୨:୧୯) । ସେ ଇହଲୋକରେ ସମସ୍ତ ସୁଖ ଅନୁଭବ କରିଥିଲେ । ''ଜାଗତିକ ସୁଖବିଳାସ'' କେବଳ କ୍ଷଣ ମାତ୍ର । (ଏବ୍ରୀ ୧୧:୨୫) । ସେ ପରମେଶ୍ୱରଙ୍କୁ ପ୍ରତାରଣା କରୁଅଛନ୍ତି ବୋଲି ମନେ କରୁଥିଲେ, କିନ୍ତୁ ବାସ୍ତବରେ ସେ ଆପଣାକୁ ପ୍ରତାରଣା କରୁଥିଲେ । (ଗାଲାତି ୬:୭) ନରକରେ ସେ ବ୍ୟକ୍ତିଗତ ଭାବେ ସୁସମାଚାର ପ୍ରଚାର କରିବାକୁ ଇଚ୍ଛୁକ ହେଲେ, କିନ୍ତୁ ସମୟ ନ ଥିଲା : (୨୭-୨୮) ସେ ନରକରେ କଲବଲ ଯନ୍ତ୍ରଣା ଭୋଗ କରି, ''ଆତ୍ମା''ର ମୂଲ୍ୟ ବୁଝି ପାରିଥିଲେ, ଏହି ଜଗତରେ ବଞ୍ଚିଥିବା ସମୟରେ ଆତ୍ମାକୁ ପ୍ରାଧାନ୍ୟତା ଦେଇ ନ ଥିଲେ । ତାହାଙ୍କ ଭ୍ରାତୃମାନେ କେଉଁ ସ୍ଥାନରେ ଅନନ୍ତ ଜୀବନ ବିତାଇବେ, ସେ ଏବେ ଜ୍ଞାତ ହେଲେ, ଆଜିର ସମାଜରେ ଅସଂଖ୍ୟ ଲୋକେ ଆପଣା ଆପଣା ଆତ୍ମାର ମୂଲ୍ୟ ଜ୍ଞାତ ନୁହନ୍ତି । ଅନେକେ ଏହି ଜୀବନରେ ସ୍ୱର୍ଗୀୟ ବିଷୟରେ ଅନାସକ୍ତ ଆତ୍ମିୟ ବିଷୟରେ ପ୍ରାଧାନ୍ୟତା ନ ଦେବା ପ୍ରତ୍ୟେକ ବ୍ୟକ୍ତି, ଏହି ଧନୀ ଲୋକଙ୍କ ସଦୃଶ୍ୟ ନରକ ଯନ୍ତ୍ରଣା ଭୋଗ କରିବେ ।

**ଧନୀଲୋକ ବର୍ତ୍ତମାନ ସୁଦ୍ଧା ଯନ୍ତ୍ରଣାରେ କଲବଲ ହେଉଛନ୍ତି :** ଦୁଇ ହଜାର ବର୍ଷ ବିତିଗଲା ଧନୀଲୋକ ଏବେ ପର୍ଯ୍ୟନ୍ତ ନରକରୁ ବିମୁକ୍ତି ନାହିଁ । ଯୁଗ ଯୁଗ ଧରି ସେ ନରକରେ ଯନ୍ତ୍ରଣା ଭୋଗ କରୁଥିଲେ । ଧନୀଲୋକ ମଧ୍ୟ ପରମେଶ୍ୱରଙ୍କ ଲୋକ ଥିଲେ, କିନ୍ତୁ ସେ ପୁରାତନ ନିୟମ ବିଶ୍ୱସ୍ତ ଭାବେ ପାଳନ ନ କରି, ପରିତ୍ୟାଗ କରିଥିଲେ । ସେ ପରମେଶ୍ୱରଙ୍କ ବାକ୍ୟ ଅଗ୍ରାହ୍ୟ କଲେ, ତୁଚ୍ଛ ମଣିଲେ । ସେ ପରମେଶ୍ୱରଙ୍କୁ ଅଗ୍ରାହ୍ୟ କଲେ, ପରମେଶ୍ୱର ତାହାଙ୍କୁ ଅଗ୍ରାହ୍ୟ କଲେ । (ଯୋହନ ୧୨:୪୭,୪୮)

**ଆପଣଙ୍କ ଗତି କଅଣ ?**

**- Ray Hawk**

*  *  *

# ପାଳନ କର
## (Observe them)

''ଏଣୁ ତୁମ୍ଭେମାନେ ତାହା ସବୁ ପାଳନ କର; କାରଣ ନାନା ଦେଶୀୟ ଲୋକମାନଙ୍କ ସାକ୍ଷାତରେ ଏହା ହିଁ ତୁମ୍ଭମାନଙ୍କର ଜ୍ଞାନ ଓ ବୁଦ୍ଧି ସ୍ୱରୂପ ହେବ, ସେମାନେ ଏହିସବୁ ବିଧି ଶୁଣି କହିବେ, ଏହି ମହାଗୋଷ୍ଠୀ ନିତାନ୍ତ ଜ୍ଞାନବାନ ଓ ବୁଦ୍ଧିମାନ ଲୋକ ଅଟନ୍ତି ।'' (ଦ୍ୱି.ବି ୪:୬) ।

ମୋଶା ଏବେ ୧୨୦ ବର୍ଷ ବୟସ୍କ ବୃଦ୍ଧ । ସମୀପରେ ମରଣ । ଇଶ୍ରାଏଲ୍ ସନ୍ତାନମାନେ ଯର୍ଦ୍ଦନ ନଦୀ ପାର ହୋଇ କିଣାନ ଦେଶରେ ପ୍ରବେଶ କରିବାକୁ ଉଦ୍ୟତ । ଏହି ସମୟରେ ମୋଶା, ଚାଳିଶି ବର୍ଷ ପୂର୍ବେ ସୀନୟ ପର୍ବତ ଉପରେ ତାଙ୍କୁ ସଦାପ୍ରଭୁ ଦେଇଥିବା ''ବ୍ୟବସ୍ଥା'' ପୁନଃରାବୃତ୍ତି କରିଥିଲେ । ମିସର ଦେଶରୁ ବାହାରି ଆସିଥିବା ଇଶ୍ରାଏଲ ସନ୍ତାନମାନଙ୍କ ମଧ୍ୟରୁ କୋଡ଼ିଏ ବର୍ଷରୁ ଉର୍ଦ୍ଧ୍ୱ ପ୍ରତ୍ୟେକେ ମୃତ୍ୟୁ ଭୋଗିଥିଲେ । ଏହି ନୂତନ ଇଶ୍ରାଏଲ୍ ସମାଜକୁ ସଦାପ୍ରଭୁଙ୍କ ବ୍ୟବସ୍ଥା ଜ୍ଞାତ କରାଇବା ଆବଶ୍ୟକ ଥିଲା । କେବଳ ଯିହୋଶୂୟ ଓ କାଲେବ ପ୍ରତିଜ୍ଞାତ ଦେଶରେ ପ୍ରବେଶ କରିଥିଲେ ।

ସେମାନେ କେଉଁ ବିଷୟଗୁଡ଼ିକ ପାଳନ କରିବା ନିମନ୍ତେ ଆଜ୍ଞାପିତ ହୋଇଥିଲେ ? ଯେଉଁସବୁ ନୀତି ନିୟମ ସଦାପ୍ରଭୁ ମୋଶାଙ୍କ ଦ୍ୱାରା ସୀନୟ ପର୍ବତରେ ଦେଇଥିଲେ ସେଗୁଡ଼ିକ, ଏହି ଯୁବ ସମାଜକୁ ସେ ପୁନଃରାବୃତ୍ତି କରିଥିଲେ । ସେମାନେ ସଦାପ୍ରଭୁଙ୍କ ଆଜ୍ଞାରେ ଅନ୍ୟ କିଛି ବିଷୟ ଯୋଗ ବା ବିଯୋଗ କରିବାକୁ, ନିବୃତ୍ତ କରାଯାଇଥିଲେ । ''ଏବେ ହେ ଇଶ୍ରାଏଲ, ମୁଁ ଯେ ଯେ ବିଧି ଓ ଶାସନ ପାଳନ କରିବା ପାଇଁ ତୁମ୍ଭମାନଙ୍କୁ ଶିକ୍ଷା ଦେଇଅଛି, ତହିଁରେ ମନଯୋଗ କର, ତାହାହେଲେ ତୁମ୍ଭେମାନେ ବଞ୍ଚିବ, ଆଉ ସଦାପ୍ରଭୁ ତୁମ୍ଭମାନଙ୍କ ପୂର୍ବପୁରୁଷଗଣର ପରମେଶ୍ୱର ତୁମ୍ଭମାନଙ୍କୁ ଯେଉଁ ଦେଶ ଦେବେ, ତହିଁରେ ପ୍ରବେଶ କରି ତାହା ଅଧିକାର କରିବ । ମୁଁ ତୁମ୍ଭମାନଙ୍କୁ ଯାହା ଯାହା ଆଜ୍ଞା କରୁଅଛି, ସେହି ବାକ୍ୟରେ ତୁମ୍ଭେମାନେ କିଛି ମିଶାଇବ ନାହିଁ, କିଅବା ତହିଁରୁ କିଛି ଊଣା କରିବ ନାହିଁ, ମୁଁ ତୁମ୍ଭମାନଙ୍କୁ ଯାହା ଯାହା ଆଜ୍ଞା କରୁଅଛି, ତୁମ୍ଭେମାନେ ସଦାପ୍ରଭୁ ତୁମ୍ଭମାନଙ୍କ ପରମେଶ୍ୱରଙ୍କର ସେହିସବୁ ଆଜ୍ଞା ପାଳନ କର ।'' (ଦ୍ୱି.ବି. ୪:୧-୨) କୌଣସି ବ୍ୟକ୍ତି, କିଅବା ଯାଜକ, କିଅବା ଭାବବାଦୀ ପରମେଶ୍ୱରଙ୍କ ଆଜ୍ଞା ବଦଳାଇବାରେ ଅଧିକାର ପ୍ରାପ୍ତ ନୁହନ୍ତି ।

**ଆଜ୍ଞାସକଳ ପ୍ରତିପାଳନର ପ୍ରତିଫଳ କଅଣ ?**

୧) **ସେମାନେ ବଞ୍ଚିବେ :** "ଏବେ ହେ ଇଶ୍ରାଏଲ, ମୁଁ ଯେ ଯେ ବିଧି ଓ ଶାସନ ପାଳନ କରିବା ପାଇଁ ତୁମ୍ଭମାନଙ୍କୁ ଶିକ୍ଷା ଦେଇଅଛି, ତହିଁରେ ମନଯୋଗ କର, ତାହା କଲେ ତୁମ୍ଭେମାନେ ବଞ୍ଚିବ। ଆଉ ସଦାପ୍ରଭୁ ତୁମ୍ଭମାନଙ୍କ ପୂର୍ବପୁରୁଷଗଣର ପରମେଶ୍ୱରଙ୍କୁ ଯେଉଁ ଦେଶ ତୁମ୍ଭମାନଙ୍କୁ ଯେଉଁ ଦେଶ ଦେବେ, ତହିଁରେ ପ୍ରବେଶ କରି ତାହା ଅଧିକାର କରିବ।" (ଦ୍ୱି.ବି. ୪:୧) । ସଦାପ୍ରଭୁଙ୍କ ବାକ୍ୟ ପାଳନ କଲେ, ମୃତ୍ୟୁକୁ ଜୟ କରି ଜୀବନ ପାଉ।

୨) ସେମାନେ ଦେଶରେ ପ୍ରବେଶ କରି ଅଧିକାର କରିବେ। ପ୍ରତିଜ୍ଞାତ ଦେଶ ଉତ୍କୃଷ୍ଟତମ ଦେଶ ତାହା ଦୁଗ୍ଧ ଓ ମଧୁ ପ୍ରବାହିତ ଦେଶ। ସଦାପ୍ରଭୁଙ୍କ ଆଜ୍ଞା ପାଳନ କଲେ ସେହି ଉତ୍କୃଷ୍ଟତମ ଦେଶ ଅଧିକାର କରିବେ ବୋଲି ପ୍ରତିଜ୍ଞାତ ହୋଇଥିଲେ।

୩) ସଦାପ୍ରଭୁଙ୍କ ଆଜ୍ଞାପାଳନ କରିବା, ବୁଦ୍ଧିମାନର କାର୍ଯ୍ୟ। ଏହା ସଦାପ୍ରଭୁଙ୍କ ଦୃଷ୍ଟିରେ ଜ୍ଞାନ ଓ ମନୁଷ୍ୟମାନଙ୍କ ଦୃଷ୍ଟିରେ ବୁଦ୍ଧିମାନର କାର୍ଯ୍ୟ। (୬ମ ପଦ)

**ଆଜ୍ଞାସକଳ କି ଅନ୍ୟମାନଙ୍କୁ ଶିକ୍ଷା ଦେବା ଆବଶ୍ୟକ ? :**

ନିଶ୍ଚିତ ଭାବେ ! "କେବଳ ନିଜ ବିଷୟରେ ସାବଧାନ ହୁଅ ଓ ନିଜ ପ୍ରାଣକୁ ଯତ୍ନପୂର୍ବକ ରକ୍ଷା କର। ନୋହିଲେ ଯାହା ତୁମ୍ଭର ଚକ୍ଷୁ ଦେଖିଅଛି, ତାହା ତୁମ୍ଭେ ପାସୋରି ଯିବ ଓ ତାହା ଯାବଜ୍ଜୀବନ ତୁମ୍ଭ ହୃଦୟରୁ ଲୋପ ପାଇବ, ମାତ୍ର ତୁମ୍ଭେ ଆପଣା ପୁତ୍ର ପୌତ୍ରମାନଙ୍କୁ ତାହା ଶିଖାଅ।" (ଦ୍ୱି.ବି. ୪:୯)। ପୁତ୍ର ଓ ପୌତ୍ରମାନଙ୍କୁ ଶିକ୍ଷା ନ ଦେବା, ଇଶ୍ରାଏଲ ଗୋଷ୍ଠୀ ନିମନ୍ତେ "ମୃତ୍ୟୁ"ର କାରଣ ଥିଲା।

ଇଶ୍ରାଏଲ ସନ୍ତାନମାନେ ସଦାପ୍ରଭୁଙ୍କ ଆଜ୍ଞା ପାଳନ ନ କରିବାରୁ ଶାପଗ୍ରସ୍ତ ହୋଇଥିଲେ। ସହସ୍ର ସହସ୍ର ଲୋକେ ବଧ ହେଲେ। ସହସ୍ର ସହସ୍ର ଲୋକେ ବନ୍ଦୀ ହୋଇ ଅନ୍ୟ ଦେଶକୁ ଘେନା ଗଲେ। କେତେ ଦୁଃଖମୟ ବିଷୟ ! ଆଜିର ପରିସ୍ଥିତି କିପରି ଅଛି ? ଆମ୍ଭେମାନେ କି ପ୍ରଭୁଯୀଶୁଙ୍କ ନୂତନ ଆଜ୍ଞା ପାଳନ କରିବା ଆବଶ୍ୟକ ନାହିଁ ? ତାହାଙ୍କ ଆଜ୍ଞା ସକଳରେ କୌଣସି ବିଷୟ ଯୋଗ କରିବାରେ କିଅବା ବିଯୋଗ କରିବାରେ ସାହସ ନ କରୁ। ଆମ୍ଭେମାନେ ଆମ୍ଭମାନଙ୍କ ପୁତ୍ର ପୌତ୍ରାଦିଙ୍କୁ ଶିକ୍ଷା ଦେବା ସଙ୍ଗେ ସଙ୍ଗେ ଅନ୍ୟମାନଙ୍କୁ, ଦେଶବାସୀଙ୍କୁ ଶିକ୍ଷା ଦେଉ। ଏହି ମହୋତ୍ତମ କାର୍ଯ୍ୟର ପ୍ରତିଫଳ ବି ସୁମଧୁର ! ବିଫଳର ଅର୍ଥ ମୃତ୍ୟୁ !

**- Roy Mitchel**

1. It included the Ten Commandments (Exo. 20G1-7).
2. He commanded them to love that message and keep them in their hears (Deut. 6:6).
3. He commanded them to teach to their children and to their children's children (Deut 6:2-7)
4. But they failed to do so (Judg. 2:10_.

D. God showed good to Saul but Saul disobeyed God.
1. Saul was anointed by Samuel as the first king of Israel (1 Sam. 10:1).
2. Saul also prophesied like the prophets (1 Sam. 10:11).
3. But when Saul disobeyed God and the kingdom was stripped from him (1 Sam 15:11,28).

E. God showed David His good ways but David has committed sins.
1. David was chosen by God and was called a man after God's own heart (Acts. 13:22).
2. But David lusted against Beth-Sheba (2Sam. 11:4).
3. He murdered Uriah the Hittite (2 Sam 11:15-17).
4. Nathan the prophet rebuked David for doing evil in the Lord's sight (2 Sam. 12:9).
5. God cursed him for doing such abomination (2Sam. 12:10-14).

**II. The requirements of man by God.**

A. Micah declared to the Israelites that God required of them to do justly, have mercy and walk humbly with God (Mic. 6:8)
1. Justly means to do what is right.
a. It has to be right with each other (Rom. 12:17).
b. Deal honestly and fairly by keeping our promises (Eccl.5:4-5).
2. Mercy is to have compassion.
a. To love mercy is to show kindness.
b. Mercy is above strict judgment (John 8:1-11).
c. Jesus said, the merciful will receive mercy (Matt.5:7).
3. Walking humbly with God means, God is our model and standard.
a. Walk denotes the manner of life (Eph. 5:2,8).
b. They were to walk humbly with God (Eccl. 5:2; Prov. 3:5-6).
c. To walk humbly with God is to do what He says (Eccl. 12:13; Matt. 7:21).

B. But they have violated His requirements.
1. They have done unjust things.
a. Cain was unjust to Abel (Gen.4).
b. The Pharaoh was unjust towards Israel (Exod. 1:1-14).
c. Korah, Abiram, Dathan and Balaam were unjust (Num. 16:22-24).
d. Herod the great was unjust towards innocent babies (Matt.2).
e. The Pharisees and Sadducees were unjust towards Christ and His Apostles.
2. They failed to have mercy.

   a. The rich were full of violence (Mic.6:12).
   b. The sons were dishonouring their fathers (Mic. 7:6a).
   c. The daughters were rising against their mothers (Mic 7:6b).
3. They did not walk with the Lord.
   a. They were eager to do evil with their hands (Mic. 7:3a).
   b. The greatest of them utters unjust words (Mic. 7:3b).

**III. Lessons we can learn.**

A. Micah's preaching to the Israelites is nothing different to what is required of us also in the modern age.
B. God is the same and he changes not (Mal.3:6).
C. God requires us to do good even in this age.
D. Jesus has spoken the same message during His ministry (Mark 12:29-31).
E. The whole of man is to fear God and keep His commandment (Eccl. 12:13).
F. The scriptures are written for our learning (Rom. 15:4).
G. The Lord destroyed those that violated His Law.
H. He will destroy us if we fail to keep His commandments (Heb. 2:3).

***Conclusion :***

1. God defined ' what is good' but man did evil.
2. The requirements of man by God.
3. Lesson we can learn.

**- RONNIE GOOTAM**

***Printed Book Only***

From :

SATYA VANI
P.O. Box 80,
Kakinada - 533 001

To

(FOR PRIVATE CIRCULATION ONLY)